# କାର୍ଯ୍ୟକ୍ଷମ ହେଲା RT PCR ପରିକ୍ଷାଗାର -

## ଏଣିକି କଟକ କିମ୍ଵା ଭୁବନେଶ୍ୱର ପଠାଯିବ ନାହିଁ ନମୁନା ।

ଅନୁଗୋଳ, ତା,୧୯.୧୦:- ସାମ୍ପ୍ରତିକ ପରିସ୍ଥିତିରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉଦ୍ୟମରେ କୋଭିଡ ପରିକ୍ଷାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅତ୍ୟାଧୁନିକ ପରିକ୍ଷାଗାର (RT PCR) କାର୍ଯ୍ୟକ୍ଷମ ହେଲା । କୋଭିଡ୍ ପରିକ୍ଷା ନିମନ୍ତେ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାପିଡ ଆଣ୍ଟିଜେନ୍ ଓ ଟ୍ରୁନାଟ୍ ପରିକ୍ଷା ହେଉଥିଲା । RT PCR ନମୁନା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ଭୁବନେଶ୍ୱର ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ରକୁ ପଠାଯାଉଥିଲା । ଏହାଦ୍ୱାରା ରିପୋର୍ଟ ବିଳମ୍ବରେ ମିଳୁଥିଲା । ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ୩ ପ୍ରକାର ପଦ୍ଧତିରେ ପରିକ୍ଷା ହେବା ଦ୍ୱାରା ତୁରନ୍ତ ଫଳା ଫଳ ଜଣାପଡିବ । RT PCR ପରିକ୍ଷାଗାରରେ ଦିନକୁ ଅତି କମରେ ୮୫ରୁ ୯୦ ସ୍ୱାବ ନମୁନା ପରିକ୍ଷାର ଫଳା ଫଳ ତୁରନ୍ତ ମିଳି ପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହି ଅତ୍ୟାଧୁନିକ ପରିକ୍ଷାଗାର ପାଇଁ ଆବଶ୍ୟକ ଯନ୍ତ୍ରାଂଶ ସରକାର ଯୋଗାଇ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ମାନବ ସମ୍ବଳ ଓ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ଯୋଗାଇ ଦିଆଯାଇଛି । ଏହି ପରିକ୍ଷାଗାରରେ କୋଭିଡ ସହ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପରିକ୍ଷା ମଧ୍ୟ କରାଯାଇପାରିବ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ , ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ କୁମାର ନାୟକଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।


OPD

